ସମ୍ବାଦ

# ସାଲେପୁର କଲେଜ ପକ୍ଷରୁ ବିଶ୍ୱ ଏଡ଼୍‌ସ୍ ଦିବସ



ସାଲେପୁର, ୩।୧୨ (ଇମିସ): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ୱାଇଆର୍‌ସି, ଏନ୍‌ଏସ୍‌ଏସ୍, ଏନ୍‌ସିସି ଏବଂ ରୋଭର୍ସ ଓ ରେଞ୍ଜର୍ସ ମିଳିତ ସହଯୋଗରେ ବିଶ୍ୱ ଏଡ଼୍‌ସ୍ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡକ୍ଟର ସଂଗୀତା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱ ଏଡ଼୍‌ସ୍ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ଛାତ୍ରଛାତ୍ରୀ ସଚେତନତା ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରିଥିଲେ। ମହାବିଦ୍ୟାଳୟ ୱାଇଆର୍‌ସି କାଉନ୍‌ସେଲର୍ ତଥା ଅଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁ, ଏନ୍‌ଏସ୍‌ଏସ୍ ସଂଯୋଜକ ଡକ୍ଟର ସୁଶାନ୍ତ କୁମାର ପାଢ଼ୀ, ପ୍ରାଧ୍ୟାପିକା ଜୟନ୍ତୀବାଳା ପରିଡ଼ା, ଏନ୍‌ସିସି ଅଫିସର୍ ଲେଫ୍ଟନାଣ୍ଟ ଜୀବନଜ୍ୟୋତି ପଟ୍ଟନାୟକ, ରୋଭର୍ସ ଆଣ୍ଡ ରେଞ୍ଜର୍ସ ଅଫିସର୍ ବିଚିତ୍ରାନନ୍ଦ ଦାସ, ପ୍ରାଧ୍ୟାପକ ପ୍ରସନ୍ନ କୁମାର ମହାପାତ୍ର ପ୍ରମୁଖ ଏଡ଼୍‌ସ୍ ସଂକ୍ରମଣର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଶେଖ ଅବ୍ରାର୍ ଅହେମ୍ମଦ ସଭା ସଂଯୋଜନା କରିଥିଲେ। ପ୍ରାଧ୍ୟାପକ ଅସିତ ପରିଡ଼ା, ପ୍ରାଧ୍ୟାପକ ନିରଞ୍ଜନ ବିଶ୍ୱାଳ, ଅଧ୍ୟାପିକା ସ୍ୱାତୀ ତନୟା ଆଚାର୍ଯ୍ୟ, ଅଧ୍ୟାପିକା ଆର୍ଯ୍ୟପୁତ୍ରୀ ସ୍ମିତିପ୍ରଜ୍ଞା, ଅଧ୍ୟାପକ ମଣ୍ଡନ କୁମାର ବେହେରା, ଡକ୍ଟର ପ୍ରଦ୍ୟୁମ୍ନ ଚୌଧୁରୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶେଷରେ ୱାଇଆର୍‌ସି ପକ୍ଷରୁ ଆୟୋଜିତ ପ୍ରବନ୍ଧ ଓ ବିତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଅଧ୍ୟକ୍ଷା ଡକ୍ଟର ମିଶ୍ର ପୁରସ୍କୃତ କରିଥିଲେ। ଅଧ୍ୟାପକ ସରୋଜ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

CUTTACK Edition
Page No.17 December 04, 2022